# Akashvani, Sambalpur

## SAMBALPURI NEWS EVENING BULLETIN

## 29 November 2024- 7.02 pm- 7.12 pm.

*********************************************

୧- ମହିଳାମାନ୍‌କର୍ ବିକାଶ୍‌କେ ନଜର୍‌ଥି ରଖିକରି ମୁଲ୍ ହେଇଛେ ସୁଭଦ୍ରା ଯୋଜ୍‌ନା- ଭୁବ୍‌ନେଶ୍ୱର୍ ଠାନେ କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ୫୯ ନମ୍ବର୍ ସର୍ବଭାରତୀୟ ପୁଲିସ୍ ମହାନିର୍ଦ୍ଦେଶକ୍ ଆଉ ମହାନିରୀକ୍ଷକ ସମ୍ମିଳନୀ ଭୁବ୍‌ନେଶ୍ୱର୍ ଠାନେ ଆନୁଷ୍ଠାନିକ୍ ଭାବେ ଆଏଜ୍‌ଠାନୁ ହେଲା ମୁଲ୍ ।

- ପ୍ରଧାନ୍‌ମନ୍ତ୍ରୀ ଆଏବା କାଏଲ୍ ଆର୍ ରଏବାର୍ ଦିନ ସମ୍ମିଳନୀଥି ନେବେ ଭାଗ୍ ।

୩- ଆଳୁର ଆତ୍ମନିର୍ଭରଶୀଳତାକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ଇ ବଛର୍ ୧୫ ହଜାର୍‌ନୁ ଅଏତ୍‌କା ହେକ୍ଟର୍ ଜମି ନ କରାଯାଉଛେ ଆଳୁ ଚାଷ୍ ।

ଆଉର୍

୪- ବଙ୍ଗୋପ୍‌ସାଗର୍ ନ ବନିଥିବାର୍ ଲଘୁଚାପ୍‌ର ବଲେ ରାଜ୍ୟର୍ କେତେଟା ଜାଗା ନ ଲାଗି ରହିଛେ ମେଘୁଆ ପାଗ୍ ।

ପ୍ରଧାନ୍‌ମନ୍ତ୍ରୀ- ଓଡ଼ିଶା ଗସ୍ତ            ଆର୍‌ଏନ୍‌ୟୁ/ କଟକ୍

ରାଏଜେ ମହିଲାମାନ୍‌କର୍ ବିକାଶ୍‌କେ ନଜର୍‌ଥି ରଖିକରି ସୁଭଦ୍ରା ଯୋଜ୍‌ନା ମୁଲ୍ କରାଯାଇଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ପୁଲିସ୍ ମହାନିର୍ଦ୍ଦେଶକଙ୍କର୍ ସମ୍ମିଲନୀଥି ଯୋଗ୍ ଦେବାର୍ ଲାଗି ୩ ଦିନିଆ ଓଡ଼ିଶା ଗସ୍ତଥି ଆସିକରି ପ୍ରଧାନ୍‌ମନ୍ତ୍ରୀ ଭୁବ୍‌ନେଶ୍ୱର୍ ନ ପୁହୁଁଚିବାର୍ ଉତ୍‌ରୁ ବିମାନ୍ ବନ୍ଦର୍ ପାଖେ ଗୁଟେ ଜନସଭାଥି ସମ୍ବୋଧିତ୍ କରିଛନ୍ ।

ସମ୍ବୋଧନ୍‌ର ମୁଲୁ ଜୟ ଜଗନ୍ନାଥ କହିକରି ପ୍ରଧାନ୍‌ମନ୍ତ୍ରୀ ତାଙ୍କର୍ ଅଭିଭାଷଣ୍ ରଖିଥିଲେ । ଏନ୍‌ଡିଏ ସର୍‌କାର୍ ଅମଲ୍‌ଥି ଓଡ଼ିଶାର୍ ବିକାଶ୍ ତୁର୍‌ତି ହେଇଛେ ଆଉ ଆଏବା ଦିନେ ଓଡ଼ିଶା ବିଶ୍ୱସ୍ତର୍ ନ ଆକର୍ଷଣ୍‌ର କେନ୍ଦ୍ରବିନ୍ଦୁ ପାଲ୍‌ଟିବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । କ୍ରୀଡ଼ା କ୍ଷେତ୍ରନୁ ନେଇକରି ଶିକ୍ଷାତକ୍ ସବୁ କ୍ଷେତ୍ର ନ ଓଡ଼ିଶାର୍ ବିକାଶ୍ ଶିଖର୍ ଛୁଇଁଛେ । ପୁଲିସ୍ ମହାନିର୍ଦ୍ଦେଶକଙ୍କର୍ ସମ୍ମିଲନୀ, ନୌସେନା ଦିବସ୍ ଆଉ ପ୍ରବାସୀ ଭାରତୀୟ ଦିବସ୍ ବାଗିର୍ ବିଶ୍ୱସ୍ତର୍‌ର କାର୍ଯ୍ୟକ୍ରମ୍ ଆୟୋଜନ୍ ହେଇଥିବାର୍‌ନୁ ପୁର୍‌ଥିର୍ ସବୁ କୁନାନୁ ଲୋକ୍‌ମାନେ ଓଡ଼ିଶା ଆସ୍‌ବେ ଆଉ ପର୍ଯ୍ୟଟନ୍ କ୍ଷେତ୍ରର୍ ବିକାଶ୍ ବଢ଼୍‌ବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଉତ୍କର୍ଷ ଉତ୍କଳ ଅଭିଯାନ୍ ଲାଗି ଭାରତୀୟ ଜନତା ପାର୍ଟି କାମ୍ କରୁଛେ ବଲି ଶ୍ରୀ ମୋଦୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ପ୍ରଧାନ୍‌ମନ୍ତ୍ରୀ ତାଙ୍କର୍ ଅଭିଭାଷଣ୍ ଶେଷ୍ କଲା ଉତ୍‌ରୁ ରାଜ୍‌ଭବନ୍ ଯାଇଛନ୍ ।

ପ୍ରଧାନ୍‌ମନ୍ତ୍ରୀଙ୍କୁ ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ନ ସ୍ୱାଗତ୍ ଜନାବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ଅଶ୍ୱିନୀ ବୈଷ୍ଣବ୍, ରାଜ୍ୟ ବିଜେପି ସଭାପତି ମନ୍‌ମୋହନ୍ ସାମଲ୍ ଉପସ୍ଥିତ୍ ଥିଲେ ।

ପୁଲିସ୍ ଡିଜି ସମ୍ମିଳନୀ ଆର୍‌ଏନ୍‌ୟୁ/ କଟକ୍

୫୯ ନମ୍ବର୍ ସର୍ବଭାରତୀୟ ପୁଲିସ୍ ମହାନିର୍ଦ୍ଦେଶକ୍ ସମ୍ମିଳନୀ ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଆନୁଷ୍ଠାନିକ୍ ଭାବେ ଉଦ୍‌ଘାଟିତ୍ ହେଇଛେ । କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ସମ୍ମିଳନୀକେ ଉଦ୍‌ଘାଟନ୍ କରିଛନ୍ । ସମ୍ମିଳନୀଥି ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍‌ଙ୍କର୍ ସହେତେ ଭିନ୍ ଭିନ୍ ରାଜ୍ୟର୍ ପୁଲିସ୍ ଅଧିକାରୀ, ପୁଲିସ୍ ସଂସ୍ଥାମାନ୍‌କର୍ ମୁଖ୍ୟ ଆଉ ବରିଷ୍ଠ ପଦାଧିକାରୀମାନେ ଯୋଗ୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଉଥିବା ଇ ସମ୍ମିଳନୀଥି ଆଏବା କାଏଲ୍ ଆର୍ ରଏବାର୍ ଦିନ ପ୍ରଧାନ୍‌ମନ୍ତ୍ରୀ ଉପସ୍ଥିତ୍ ରହେବେ ।

ସୁରକ୍ଷା ବାବ୍‌ଦର୍ ଭିନ୍ ଭିନ୍ ବିଷେ ଉପ୍‌ରେ ବରିଷ୍ଠ ସୁରକ୍ଷା ଅଧିକାରୀମାନ୍‌କର୍ ସହେତେ ପ୍ରଧାନ୍‌ମନ୍ତ୍ରୀ ଆର୍ ଗୃହମନ୍ତ୍ରୀ ଆର୍ ଅଲ୍‌ଗା ଅଧିକାରୀମାନେ ଆଲୋଚନା କର୍‌ବେ । ଅଭ୍ୟନ୍ତରିଣ ନିରାପତା, ନୂଆଁ ଅପରାଧ୍ ଆଇନ୍, ସାମୁଦ୍ରିକ ନିରାପତା, ସାଇବର୍ ଅପରାଧ୍, ମାଓ ଦମନ୍, କୃତ୍ରିମ ବୁଦ୍ଧିମତା ଆର୍ ସନ୍ତ୍ରାସବାଦ୍‌କେ ପ୍ରତିହତ୍ କର୍‌ବାର୍ ବାବ୍‌ଦେ ସମ୍ମିଲନୀ ଆଲୋଚନା ହେବା ।

କେନ୍ଦ୍ର ଗୃହମନ୍ତ୍ରୀ- ପୁଲିସ୍ ଥାନା ସମ୍ମାନ୍ /ଆର୍‌ଏନ୍‌ୟୁ

ସମ୍ବଲପୁର

ଭୁବ୍‌ନେଶ୍ୱର୍ ଠାନେ ଆଏଜ୍‌ଠାନୁ ମୁଲ୍ ହେଉଥିବା ଅଖିଲ୍ ଭାରତୀୟ ପୁଲିସ୍ ମହାନିର୍ଦ୍ଦେଶକ୍ ଆର୍ ମହାନିରୀକ୍ଷକ ସମ୍ମିଲନୀ ଉଲ୍‌ଗୁନେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଓଡ଼ିଶାର୍ ଗଞ୍ଜାମ୍ ଜିଲ୍ଲାର୍ ପାଟପୁର୍ ଥାନାକେ ଦେଶର୍ ୨ ନମ୍ବର୍ ଥାନା ଭାବେ ପୁରସ୍କୃତ କରିଛନ୍ । ଓଡ଼ିଶା ପୁଲିସ୍ ଲାଗି ଇ ସମ୍ମାନ୍ ବହୁତ୍‌ଟେ ଗର୍ବ ଆଉ ସମ୍ମାନ୍‌ର ବିଷେ ବଲି ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ ବାହାଦୂର୍ ଖୁରାନିଆ କହିଛନ୍ ।

ନୌସେନା ଦିବସ ଆର୍‌ଏନ୍‌ୟୁ/ କଟକ୍

ପୁରୀ ବେଳାଭୂମି ନ ପହେଲା ଥରର୍ ଲାଗି ଆଏବା ମାସର୍ ୪ ତାରିଖ୍ ଦିନ ଭାରତୀୟ ନୌସେନା ଦିବସ୍ ପାଲନ୍ କରାଯିବା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ନୌସେନା ଦିବସ୍ ପାଲନ୍ ଆଗ୍‌ରୁ ପୁରୀ ବେଳା ଭୂମି ନ ନୌସେନାର ସମରାଭ୍ୟାସ୍ ଚାଲିଛେ । ନୌସେନାର ୨୫ ନୁ ଅଏତ୍‌କା ଯୁଦ୍ଧ ଜାହାଜ୍ ଆଉ ହେଲିକେପ୍ଟର୍‌କେ ସମରାଭ୍ୟାସ୍‌ଥି ସାମିଲ୍ କରାଯାଇଛେ ।

ନୌସେନା ତର୍‌ଫୁ ୨୦ ପ୍ରକାରର୍ ଯୁଦ୍ଧ କୌଶଲ ପ୍ରଦର୍ଶନ୍ କରାଯିବା । ନୌସେନା ଯୋଦ୍ଧାମାନେ ଆକାଶ୍ ନ ମିଗ୍ - ୨୯ ଯୁଦ୍ଧ ବିମାନ୍‌ର କୌଶଲ୍ ପ୍ରଦର୍ଶନ୍ କର୍‌ବେ ।

ସ୍ୱତନ୍ତ୍ର ସହାୟତା            ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟକେ ସ୍ୱତନ୍ତ୍ର ସହାୟତା - ଏସ୍‌ଏଏସ୍‌ସିଆଇ ଯୋଜ୍‌ନା ଅଧୀନ୍‌ଥି ୨୩ ଟା ରାଜ୍ୟର୍ ୪୦ ଟା ପ୍ରକଳ୍ପକେ କେନ୍ଦ୍ର ସର୍‌କାର୍ ମଞ୍ଜୁର୍ କରିଛନ୍ । ମଞ୍ଜୁରୀ ମିଲିଥିବା ପ୍ରକଳ୍ପ ମାନ୍‌କର୍ ଭିତ୍‌ରେ ହୀରାକୁଦ୍ ଆଉ ସାତକୋଶିଆ ସାମିଲ୍ ହେଇଛେ । ଦୁହି ପ୍ରକଳ୍ପ ଲାଗି ପାଖାପାଖି ଶହେ କୋଟି ଟଙ୍କା ଲେଖା ମଞ୍ଜୁର୍ କରାଯାଇଛେ । କେନ୍ଦ୍ର ସର୍‌କାର୍ ମଞ୍ଜୁର୍ କରିଥିବାର୍ ପାଣ୍ଠି ଇ ଦୁହି ପର୍ଯ୍ୟଟନ୍‌ସ୍ଥଳୀର୍ ବିକାଶ୍

ଲାଗି ଖର୍ଚ୍ଚା କରାଯିବା । କେନ୍ଦ୍ର ସର୍କାର୍ ଓଡ଼ିଶାର୍ ଦୁହି ପର୍ଯ୍ୟଟନ୍ ସ୍ଥଲୀକେ ଆର୍ଥିକ୍ ସହାୟତା ଦେଇଥିବାର୍‌ନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜନେଇଛନ୍ ।

ଆଲୁ ମିଶନ୍ ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ କୃଷି ଭବନ୍‌ର କୃଷି ସମୀକ୍ଷା କେନ୍ଦ୍ର ନ ଉପମୁଖ୍ୟମନ୍ତ୍ରୀ ଆଉ କୃଷି ଆର୍ କୃଷକ୍ ସଶକ୍ତିକରଣ୍ ମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଲୁ ବିହନ୍ ଯୁଗାବାର୍ ବାବ୍‌ଦେ ସମୀକ୍ଷା କରିଛନ୍ । ବୈଠକ୍‌ଥି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ଯେ, ଆଲୁ ଚାଷ୍‌ଥି ରାଜ୍ୟକେ ଆତ୍ମନିର୍ଭରଶୀଳ କର୍‌ବାର୍ ଲାଗି ରାଏଜେ ପହେଲା କରି ୧୫ ହଜାର୍ ୨୩ ହେକ୍ଟର୍ ଜମି ଆଲୁ ଚାଷ୍ କରାଯାଉଛେ । ଇହାଦେତକ୍ ୧ ଲାଖ୍ ୨ ହଜାର୍ ୯ ଶହ ୬୪ କ୍ୱିଂଟାଲ୍ ଉନ୍ନତ ପ୍ରାମାଣିକ ବିହନ୍ ଚାଷୀମାନ୍‌କୁ ଯୁଗେଇ ଦିଆଯାଇଛେ ବଲି ସେ କହିଛନ୍ ।

ଜବର୍‌ଦଖଲ୍ ଜମି ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଇହାଦେତକ୍ ୫୩ ହଜାର୍ ୪ ଶହ ୮୦ ଏକଡ଼୍ ସର୍କାରୀ ଜମି ଜବର୍ଦଖଲ୍ଥି ରହିଛେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ ବିଧାନ୍ସଭାଥି କହିଛନ୍ । ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ଯେ, ଓପିଏଲ୍ଇ ଆଇନ୍ - ୧୯୭୨ ଅନ୍ସାରେ ଜବର୍ଦଖଲ୍କାରୀମାନ୍କୁ ସର୍କାରୀ ଜମିନୁ ଉଚ୍ଛେଦ୍ ଲାଗି କାମ୍ ଜାରି ରହିଛେ । ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ବିଭାଗ୍ ତର୍ଫୁ ରାଜ୍ୟର୍ ସବୁ ଜିଲ୍ଲାପାଲ୍ମାନ୍କୁ ସର୍କାରୀ ଜମିନୁ ଜବର୍ଦଖଲ୍ ଉଚ୍ଛେଦ୍ କର୍ବାର୍ ଲାଗି ପଦକ୍ଷେପ୍ ନେବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ ।

କେନ୍ଦ୍ର ବିମାନ୍ ମନ୍ତ୍ରୀ- ବର୍ଗଡ଼୍ ସାଂସଦ୍   ଆର୍ଏନ୍ୟୁ/ ସମ୍ବଲ୍ପୁର୍

ଝାର୍ସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ୍ ବନ୍ଦର୍ନୁ ସକାଲ୍ବେଲେ ନୂଆଦିଲ୍ଲୀ ଆର୍ ଭୁବ୍ନେଶ୍ୱର୍କେ ସିଧାସଲଖ୍ ବମାନ୍ ସେବା ସୁବିଧା ମୁଲ୍ କର୍ବାର୍କେ କେନ୍ଦ୍ର ବେସାମରିକ୍ ବିମାନ୍ ଚଲାଚଲ୍ ମନ୍ତ୍ରୀ ରାମମୋହନ୍ ନାଇଡୁଙ୍କୁ ବର୍ଗଡ଼୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍ ଅନୁରୋଧ୍ କରିଛନ୍ । ହେନ୍ତା ମୁମ୍ବାଇ, କୋଲ୍କାତା, ବେଙ୍ଗାଲୁରୁ, ହାଇଦ୍ରାବାଦ୍, ଚେନ୍ନାଇ ବାଗିର୍ ମହାନଗର୍ ମାନ୍କୁ ଭିଲ୍ ଝାର୍ସୁଗୁଡ଼ା ନୁ ବିମାନ୍ ସେବାକେ ସୁନିଶ୍ଚିତ୍ କର୍ବାର୍ ଆର୍ ବର୍ଗଡ଼୍ ଜିଲ୍ଲା ସତୀଭଟା ଏୟାର୍ଷ୍ଟ୍ରିପ୍କେ ଉଡ଼ାନ୍

ଯୋଜ୍ନାଥି ସାମିଲ୍ କର୍ବାର୍ ଲାଗି ବର୍ଗଡ଼୍ ସାଂସଦ୍ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ୍ କରିଛନ୍ ।

ଧାନ୍ ମଣ୍ଡି- କଲାହାଣ୍ଡି          କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍‌ର ଘୋଟିଆ ମଣ୍ଡିନୁ ଆଏଜ୍ ଚାଷୀମାନ୍‌କର୍ ଠାନୁ ଧାନ୍ ଘିନା କାମ୍ ମୁଲ୍ ହେଇଛେ । ଧର୍ମଗଡ଼୍ ଉପ ଜିଲ୍ଲାପାଲ୍ ଧିମାନ୍ ଚକ୍‌ମା ଇ ମଣ୍ଡିକେ ଉଦ୍‌ଘାଟନ୍ କରିଥିଲେ । ଇଥର ଖରିପ୍ ଋତୁଥି ଜିଲ୍ଲାର୍ ୧ ଲାଖ୍ ୧୪ ହଜାର୍ ୭ ଶହ ୫୮ ଝନ୍ ଚାଷୀ ଧାନ୍ ବିକ୍‌ବାର୍ ଲାଗି ପଞ୍ଜିକରଣ୍ କରେଇଛନ୍ । ଭବାନୀପାଟ୍‌ନା ଆର୍ ଧରମ୍‌ଗଡ଼୍ ସବ୍‌ଡିଭିଜନ୍ ନ ୮୧ ଟା ପ୍ରାଥମିକ କୃଷି ସେବା ସମବାୟ ସମିତି ଆଉ ୨୭ ଟା ମହିଲା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଏ ୨ ଶହ ୨୩ ଟା ଧାନ୍ ସଂଗ୍ରହ କେନ୍ଦ୍ର ନ ଧାନ୍ ଘିନ୍‌ବାର୍ ବ୍ୟବସ୍ଥା କରାଯାଇଛେ ।

ମାଓ କେମ୍ପ୍ ଠାବ          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନାର୍ କନଗୁନ୍ ପାଖର୍ ଜଙ୍ଗଲ୍‌ନୁ ତଲାସି ସମିଆଥି ଗୁଟେ ମାଓ କେମ୍ପ୍ ଠାବ୍ କରାଯିବାର୍ ସହେତେ ସେନୁ ବିସ୍ଫୋରକ ସାମଗ୍ରୀ ଜବତ୍ କରାଯାଇଛେ ।

ଇ ବାବ୍‌ଦେ ଏସ୍.ପି. ନାଗରାଜ୍ ଦେବର୍‌କୋଣ୍ଡା ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି କହିଛନ୍ ଯେ, ଜଙ୍ଗଲ୍ ନ ଡିଭିଏଫ୍ ଆର୍ ବିସ୍ଫୋରକ ସ୍କ୍ୱାର୍ଡ଼ ମିଲିତ୍ ଭାବେ ତଲାସୀ କରୁଥିବାର୍ ବେଲେ ମାଓ କେମ୍ପ୍ ଠାବ୍ ହେଇଥିଲା । ସେନୁ ଜିଲୋଟିନ୍, ବେଟ୍‌ରୀ, ମାଓ ପୋଷକ ଆର୍ ଅଲ୍‌ଗା ଦରବ୍ ଜବତ୍ କରାଯାଇଛେ ବଲି ଏସ୍.ପି. କହିଛନ୍ ।

ଜିଲ୍ଲା ଯୁବ ରେଡ଼କ୍ରସ                ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ପଂଚାୟତ୍ କଲେଜ୍ ଠାନେ ଯୁବ ରେଡ଼କ୍ରସ୍ ତର୍‌ଫୁ ଆଏଜ୍ ଗୁଟେ କାର୍ଯ୍ୟକ୍ରମ୍ କରାଯାଇଥିଲା । ଇନ କଲେଜ୍‌ର ଅଧକ୍ଷ ନିରଞ୍ଜନ୍ ମିଶ୍ର ସମାଜ୍‌ର ଦୁଖି ଆର୍ ପିଡ଼ିତ ମାନ୍‌କର୍ ସେବାର୍ ଲାଗି ନିଜର୍ ଇଚ୍ଛାଥି ଆଗ୍‌କେ ଆସ୍‌ବାର୍‌କେ ଛାତ୍ରଛାତ୍ରୀମାନ୍‌କୁ କହିଥିଲେ । ଅଧାପକ ତ୍ରିନାଥ ରଣା, ପ୍ରବୀର୍ ଦାସ ଆର୍ ଅଲ୍‌ଗା ସିଆନ୍ ସୁଜନ୍‌ମାନେ ରେଡ଼କ୍ରସ୍‌ର ଲକ୍ଷ୍ୟ ଆଉ ଆଭିମୁଖ୍ୟ ବାବ୍‌ଦେ ଆଲୋଚନା କରିଥିଲେ ।

ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଲୟ                ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ- ସମ୍ବଲ୍‌ପୁର୍ ତର୍‌ଫୁ କୃତ୍ରିମ ବୁଦ୍ଧିମତା, ସାଇବର୍ ସିକ୍ୟୁରିଟି ବାଗିର୍ ନିଯୁକ୍ତି ଆର୍ ଶିକ୍ଷ ଆଧାରିତ୍ ପାଠ୍ୟକ୍ରମ୍ ମୁଲ୍ କରାଯିବା । ଇତାର୍‌ସହେତେ ସମିଆର୍ ଚାହିଦା ଅନ୍‌ସାରେ ଡିଜିଟାଲ୍ ମାର୍କେଟିଂ, ଇଂରାଜୀ ଦକ୍ଷତା, ଫାଇନାନ୍ସିଆଲ୍ ଏକାଉଂଟ୍ ବିଷ୍ୟେଥି ଅନ୍‌ଲାଇନ୍ କ୍ରେଡ଼ିଟ୍ ଆଧାରିତ୍ ପାଠ୍ୟକ୍ରମ୍ କାର୍ଯ୍ୟକାରୀ କରାଯିବା ବଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ । ଇତାର୍ ଭିତ୍‌ରେ ବିଶ୍ୱବିଦ୍ୟାଳୟ ନ ୪୬ ଝନ୍ ନୂଆଁ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛେ ଆଉ ୨୫ ଟା ନୂଆଁ ପାଠ୍ୟକ୍ରମ୍ ଲାଗି ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ୍‌କେ ଆବେଦନ୍ କରାଯାଇଛେ ।

ଇତାର୍‌ଭିତ୍‌ରେ ବିଶ୍ୱବିଦ୍ୟାଳୟର୍ କେମ୍ପସ୍ ନ ସମ୍ପୂର୍ଣ୍ଣ ଡିଜିଟାଲ୍ କରଣ୍ ହେଇଥିବା ସେମିନାର୍ ହଲ୍ ଆର୍ ଅଡ଼ିଓ ଭିଡ଼ିଓ ଷ୍ଟୁଡ଼ିଓ ତିଆରି ପୁରା ହେଇଛେ । ରାଏଜେ ଦୂରଶିକ୍ଷାକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ଆଏବାବଛର୍ ୫ ଟା ନୂଆଁ ଆଂଚଲିକ୍ କେନ୍ଦ୍ର ଆର୍ ଅଧ୍ୟୟନ୍ କେନ୍ଦ୍ର ପ୍ରତିଷ୍ଠା କରାଯିବା ବଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ ।

ରିଓ୍ୱାର୍ଡ ପ୍ରକଳ୍ପ - ସମ୍ବଲ୍‌ପୁର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଳୟର କୃଷି ଯାନ୍ତ୍ରିକ ଆର୍ ବୈଷୟିକ ମହାବିଦ୍ୟାଳୟର ରିଓ୍ୱାର୍ଡ଼ -

ହାଇଡ୍ରୋଲୋଜି ପ୍ରକଳ୍ପ ଜରିଏ ସମ୍ବଲ୍‌ପୁର୍ ଜିଲ୍ଲା ନ ପ୍ରକଳ୍ପ ମାନ୍ ତିଆର୍ କରାଯିବା । ସତ୍ୟାନନ୍ଦ ପାଲି, ସାଇବେର୍ଣ୍ଣି, ମୋଚିବାହାଲ୍, ସାତକମା, ଭାତପୁରା, ବୁଢ଼ିଖମାର, ବଡ଼ମାଲ୍, ବଲ୍‌ବସ୍‌ପୁର୍, ଝାଙ୍କର୍‌ପୁର୍ ଜଳ ବିଭାଜିକା ଇଲାକା ନ ଜଳ ସଂରକ୍ଷଣ୍ ଲାଗି ଯୋଜ୍‌ନା ମୁଲ୍ ହେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ବଙ୍ଗୋପ୍‌ସାଗର୍ ନ ବନିଥିବା ଲଘୁଚାପ୍‌ର ବଲେ ରାଜ୍‌ଧାନୀ ଭୁବ୍‌ନେଶ୍ୱର୍ ସହେତେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ମେଘୁଆ ପାଗ୍ ଜାରି ରହିଛେ । କେତେଟା ଜାଗା ନ ଟିକେ ଚଂଚେ ବର୍ଷା ହେଇଛେ ବଲି ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ସମୁଦ୍ରକୁଲିଆ ଜିଲ୍ଲାମାନ୍‌କର୍ କେତେଟା ଜାଗା ନ କମ୍ ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେବା । ହେନ୍ତା ସୁନ୍ଦର୍‌ଗଡ଼୍, କଲାହାଣ୍ଡି ଆର୍ କନ୍ଧମାଲ୍ ଜିଲ୍ଲାର୍ କେତେଟା ଜିଲ୍ଲା ନ ହାଲ୍‌କା ବର୍ଷା ହେଇପାରେ ବଲି ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ରଏବାର୍ ଦିନୁ ରାଏଜେ ପାଗ୍ ପୁରା ଶୁଖା ରହେବା ବଲି ଜନାପଡ଼ିଛେ ।